# ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

Ph. No.- 06658-222247 e-mail:- nac_ptg@yahoo.co.in
web-site- www.nacpatnagarh.in

ସଂଖ୍ୟା: ୩୪୩୬ / ତା: 05-10-2023

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ର ୦୪,୦୭,୦୮,୦୯,୧୦ ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ଉପରୋକ୍ତ ୱାର୍ଡ ମାନଙ୍କର ୧୫ ଗୋଟି ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓ କାର୍ଯ୍ୟକାରୀ ସହଯୋଗୀ ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି। ଏଣୁ, ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦା ସଂଗଠନ ମାନେ ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ ସହ ତା.୦୭.୧୦.୨୦୨୩, ୧୦ ଘଟିକା ଠାରୁ **ତା ୧୬.୧୦.୨୦୨୩ ରିଖ ଅପରାହ୍ନ ୩.୦୦ ଟା ସୁଦ୍ଧା କେବଳ ସ୍ପୀଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା କୋରିୟର ଦ୍ୱାରା ଆବେଦନ କରିପାରିବେ** । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା **ତା ୧୬.୧୦.୨୦୨୩ ରିଖ ଅପରାହ୍ନ ୪ .୦୦ ଘଟିକା** ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କର୍ଯ୍ୟାଳୟ ରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି। ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ପାଟଣାଗଡ଼ ଜିଲ୍ଲା ୱେବସାଇଟ **www.balangir.nic.in** ଏବଂ **http://www.nacpatnagarh.in** ରୁ ମଧ୍ୟ ଡାଉନଲୋଡ କରିପାରିବେ। **ଲଫାଫା ର ଉପରେ "ମୁକ୍ତା ଯୋଜନା ଦ୍ୱାରା ସହର ରୂପାନ୍ତରିକରଣ -୨୦୨୩"** ଲେଖାଥିବା **ଆବଶ୍ୟକ** । ଅଧିକ ଜାଣିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପାଟଣାଗଡ଼ ସହ ଯୋଗାଯୋଗ କରି ପାରନ୍ତି।

**ବିଶେଷ ଦ୍ରଷ୍ଟବ୍ୟ**

୧ -ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା କୌଣସି କାର୍ଯ୍ୟ କିମ୍ବା ମୁକ୍ତା ଯୋଜନାର କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ

୨ - ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ପରମାନେଣ୍ଟ କାର୍ଯ୍ୟ ଯଥା -(ଆହାର, FSTP , MCC, MRF, ଚୁଡା ଛତୁଆ ଇତ୍ୟାଦିରେ ) ସମ୍ପୃକ୍ତ ହୋଇଥିବେ, ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିପାରିବେ ନାହିଁ ।

**ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା ପରିମାପକ ମାନଦଣ୍ଡ**

୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବେ ।

୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପରମାନେଣ୍ଟ ଏକାଉଣ୍ଟ (ପାନ ନମ୍ବର ) ଥିବ ।

୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା ଥିବ ।

୫ -କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ. ପି. ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।

୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୭ -ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୨.୫ ଲକ୍ଷରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

୮ -ମିଶନ ଶକ୍ତି ଗୋଷ୍ଠୀର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

6/10/23

ନିର୍ବାହୀ ଅଧିକାରୀ

ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼

ପରିପତ୍ର ସଂଖ୍ୟା :୩୪୩୬ /ତାରିଖ : ୦୬-୧୦-୨୦୨୩

ଏହାର ଏକକିତା ନକଲ ନିର୍ଦ୍ଦେଶକ, I&PR, Dep't, ଓଡ଼ିଶା, ଭୁବନେଶ୍ୱର ଙ୍କ ଅବଗତି ଏବଂ ତା ୧୦.୧୦.୨୦୨୩ ପୂର୍ବରୁ ଯେକୌଣସି ଦୈନିକ ଓଡିଆ ଖବର କାଗଜ ରେ ବିଜ୍ଞାପନ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

6/10/23

ନିର୍ବାହୀ ଅଧିକାରୀ

ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼

ପରିପତ୍ର ସଂଖ୍ୟା :୩୪୩୭ /ତାରିଖ : ୦୬-୧୦-୨୦୨୩

ଏହାର ଏକକିତା ନକଲ ୱାର୍ଡ ଅଧିକାରୀ, ସିଏମଏମ/ଗୋଷ୍ଠୀ ସଙ୍ଗଠିକା/ଶିଶୁ ବିକାଶ ଯୋଜନା ଅଧିକାରୀ , ପାଟଣାଗଡ଼ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଛପାଗଲା ।

6/10/23

ନିର୍ବାହୀ ଅଧିକାରୀ

ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼

ପରିପତ୍ର ସଂଖ୍ୟା : ୩୪୩୮ /ତାରିଖ : ୦୬-୧୦-୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ବଲାଙ୍ଗୀର/ପ୍ରକଳ୍ପ ନିର୍ଦ୍ଦେଶିକା , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ବଲାଙ୍ଗୀର/ ଜିଲ୍ଲାପାଳ ବଲାଙ୍ଗୀର/ ପ୍ରକଳ୍ପ ନିର୍ଦ୍ଦେଶକ, ମୁକ୍ତା, ଗୃହ ଓ ନଗର ଉନ୍ନୟନ ବିଭାଗ ଭୁବନେଶ୍ୱର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

6/10/23

ନିର୍ବାହୀ ଅଧିକାରୀ

ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼

# ମୁକ୍ତା ଯୋଜନାରେ ଆର୍ଥିକ ବର୍ଷ :୨୦୨୩-୨୪ ନିର୍ମାଣ କାର୍ଯ୍ୟ ନିମନ୍ତେ ଆବେଦନ ପତ୍ର

## ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା)

## ମୁକ୍ତା ଯୋଜନାରେ ନିର୍ମାଣ କାର୍ଯ୍ୟ ପାଇଁ ଆବେଦନ ପତ୍ର

ପ୍ରକଳ୍ପ ନାମ : ______________________, ତାରିଖ ...... / ...... / ......

୧ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଙ୍ଘର ନାମ –

୨ ଗୋଷ୍ଠୀ/ସଙ୍ଘର ସଭାପତି ଏବଂ ସମ୍ପାଦିକାଙ୍କ ମୋବାଇଲ ନମ୍ବର :......................... /.........................

୩ ଗୋଷ୍ଠୀ/ସଙ୍ଘର ଠିକଣା (ୱାର୍ଡ ନମ୍ବର ସହିତ)-

୪ ସମ୍ପୃକ୍ତ ସଦସ୍ୟା/ସଦସ୍ୟଙ୍କ ସଂଖ୍ୟା :

୫. ଗୋଷ୍ଠୀ/ସଙ୍ଘର ପଞ୍ଜିକରଣ ନମ୍ବର:

୬ ସଞ୍ଚୟ ଖାତା ନମ୍ବର :

୭. ବ୍ୟାଙ୍କ ଓ ଶାଖା ର ନାମ :

୮ IFSC କୋଡ୍:

୯. ଗୋଷ୍ଠୀ/ସଙ୍ଘର PAN କାର୍ଡ ନମ୍ବର:

୧୦ ସଞ୍ଚୟ ଖାତାରେ ଥିବା ବଳକା ରାଶିର ପରିମାଣ :

୧୧ ପଞ୍ଚସୂତ୍ର ନିୟମାବଳୀ ଅନୁସରଣ କରୁଛନ୍ତି କି ? ...........

୧୨ ଚଳିତ ବର୍ଷ ପାଇଥିବା କାର୍ଯ୍ୟର ସମୁଦାୟ ଆର୍ଥିକ ମୂଲ୍ୟ ...........

୧୩ ଚଳିତ ବର୍ଷ ମୁକ୍ତା ଯୋଜନାରେ ପାଇଥିବା ସମୁଦାୟ କାର୍ଯ୍ୟର ବିବରଣୀ (କାର୍ଯ୍ୟର ନାମ ଏବଂ ଏହାର ଆର୍ଥିକ ମୂଲ୍ୟ )

ଦସ୍ତଖତ (ସଭାପତି/ସଭାନେତ୍ରୀ )

ଦସ୍ତଖତ(ସମ୍ପାଦିକା/ ସମ୍ପାଦକ)

ଦରଖାସ୍ତ ସହିତ ପ୍ରମାଣ ପତ୍ର –

୧ Resolution ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

୨. ବ୍ୟାଙ୍କ ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

୩. କ୍ୟାଶ ବୁକ୍‌ର ନକଲ

୪ ID (ଆଧାର) ନକଲ

୫ PAN କାର୍ଡ ର ନକଲ

୬ ପୂର୍ବରୁ ପାଇଥିବା କାର୍ଯ୍ୟାଦେଶର ପ୍ରମାଣ ପତ୍ର

ନିର୍ବାହୀ ଅଧିକାରୀ

ପ୍ରକଳ୍ପ ସଂଯୋଜକ (ମୁକ୍ତା)



## ଆବେଦନ ପତ୍ର ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବେ

- ମିଶନ ଶକ୍ତି ଗୋଷ୍ଠୀ ଗଠନ ରେଜୋଲୁସନ ର ଫଟୋକପି ।
- ମୁକ୍ତା କାର୍ଯ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପାସ୍ ହୋଇଥିବା ରିଜୋଲ୍ୟୁସନ୍ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀର ଶେଷ ମିଟିଂ ରିଜୋଲ୍ୟୁସନ୍ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ ବ୍ୟାଙ୍କ ପାସବୁକର ଫଟୋକପି (ପ୍ରଥମ ଏବଂ ଶେଷ ପୃଷ୍ଠା)।
- ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପ୍ ନାମରେ ଥିବା ନିଜସ୍ୱ ପାନ୍ କାର୍ଡ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ରିଜୋଲୁସନ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର କ୍ୟାଶ୍ ବୁକର ଫଟୋକପି ।